# ମୁଖବନ୍ଧ

ଯେ କୌଣସି ରାଜ୍ୟର କୃଷକମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ଏବଂ ଦାରିଦ୍ର୍ୟ ଦୂରୀକରଣ ପାଇଁ ଜଳସେଚନର ଉପଯୋଗ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଓଡ଼ିଶାରେ ପ୍ରାୟ 61.80 ଲକ୍ଷ ହେକ୍ଟର ଚାଷ ଜମି ଅଛି, ଏବଂ ସେଥି ମଧ୍ୟରୁ 49.90 ଲକ୍ଷ ହେକ୍ଟର ଜମିକୁ ବୃହତ୍, ମଧ୍ୟମ ଏବଂ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଗୁଡ଼ିକ ଦ୍ୱାରା ଜଳସେଚନ କରାଯାଇ ପାରିବ।

ଓଡ଼ିଶାରେ ଭୂପୃଷ୍ଠ ଜଳସେଚନ ପାଇଁ ଉପଲବ୍ଧ ଜଳର ପରିମାଣ ବାର୍ଷିକ ହାରାହାରି 95.54 ଶତ କୋଟି ଘନ ମିଟର ହେବ ବୋଲି ଆକଳନ କରାଯାଇଅଛି । ରାଜ୍ୟରେ ଜଳସମ୍ପଦର ସୁପରିଚାଳନା ପାଇଁ, 7 ଟି ବୃହତ୍, 40 ଟି ମଧ୍ୟମ ଏବଂ 2,340 ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟକ୍ଷମ ରହିଅଛି । ଭୂପୃଷ୍ଠ ଜଳସେଚନପାଇଁ 2014-15 ରୁ 2019-20 ଅବଧି ମଧ୍ୟରେ 30,366.51 କୋଟି ଟଙ୍କାର ବଜେଟ୍ ବ୍ୟବସ୍ଥା ହୋଇଥିଲା, ଯେଉଁଥିରୁ 25,153.35 କୋଟି ଟଙ୍କା ବ୍ୟୟ ହୋଇଥିଲା।

ଏହି ପ୍ରତିବେଦନଟି ଓଡ଼ିଶାର ଭୂପୃଷ୍ଠ ଜଳସେଚନର ସମ୍ପାଦନ ସମୀକ୍ଷାର ଫଳାଫଳକୁ ନେଇ ପ୍ରସ୍ତୁତ କରାଯାଇଅଛି, ଯାହା 2014-19 ଅବଧି ମଧ୍ୟରେ ପ୍ରକଳ୍ପ ଗୁଡ଼ିକର ବିତ୍ତୀୟ ପରିଚାଳନାର ପର୍ଯ୍ୟାପ୍ତତାର ଆକଳନ, ପ୍ରକଳ୍ପ ବିତରଣ ଯୋଗ୍ୟ ଗୁଡ଼ିକର ଯୋଜନା ଏବଂ କାର୍ଯ୍ୟାନ୍ୱୟନ ତଥା ସମସ୍ତ ଅଂଶୀଦାରଙ୍କ ସହ ସମନ୍ୱୟ ସୁନିଶ୍ଚିତ କରିବା ସହିତ ଲକ୍ଷ ଧାର୍ଯ୍ୟ ଜନତାଙ୍କୁ ଲାଭର ନିରନ୍ତର ସଂପ୍ରସାରଣ ହେଉଛି କି ନାହିଁ ତାହାର ନିରୀକ୍ଷଣ କରିବାର ଉଦ୍ଦେଶ୍ୟ ସହିତ ସଂଚାଳିତ ହୋଇଥିଲା।

ସମ୍ପାଦନ ସମୀକ୍ଷା ଜାନୁଆରୀ 2011 ଏବଂ ମାର୍ଚ୍ଚ 2017 ମଧ୍ୟରେ ସଂପୂର୍ଣ୍ଣ/ ଆଂଶିକ ସଂପୂର୍ଣ୍ଣ ହୋଇଥିବା 24 ଟି ବୃହତ୍/ କ୍ଷୁଦ୍ର ଜଳସେଚନ ଏବଂ ମେଗା ଲିଫ୍ଟ ପ୍ରକଳ୍ପକୁ ସମ୍ପାଦନ ସମୀକ୍ଷା ପରିସରଭୁକ୍ତ କରିଥିଲା।

ଭାରତର ସମ୍ବିଧାନର ଧାରା 151 ଏବଂ ସିଏଜିଙ୍କ ଡିପିସି ନିୟମ 1971 ଅନୁଯାୟୀ ଭାରତର ମହାଲେଖା ନିୟନ୍ତ୍ରକ ଏବଂ ମହାସମୀକ୍ଷକ ଙ୍କ ଏହି ପ୍ରତିବେଦନ ଓଡିଶା ରାଜ୍ୟପାଳ ଙ୍କୁ ପ୍ରଦାନ ନିମନ୍ତେ ପ୍ରସ୍ତୁତ ହୋଇଅଛି ।

ଭାରତର ମହାଲେଖା ନିୟନ୍ତ୍ରକ ଏବଂ ମହାସମୀକ୍ଷକଙ୍କ ଦ୍ୱାରା ଜାରୀ କରାଯାଇଥିବା ସମୀକ୍ଷା ମାନଦଣ୍ଡ ଗୁଡିକ ଅନୁସାରେ ସମୀକ୍ଷା ସମ୍ପନ୍ନ କରାଯାଇଅଛି ।

ଅନୁବାଦିତ ପ୍ରତିବେଦନରେ ସନ୍ଦେହ ଜାତ ହେଲେ ଇଂରାଜୀ ପ୍ରତିବେଦନ ବିଶ୍ୱାସଯୋଗ୍ୟ ବିବେଚିତ ହେବ।